भाकृअनुप - केंद्रीय चावल अनुसंधान संस्थान
ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ୨୦୨୬ ମସିହା ଜୁନ୍ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

## ଡାଲୁଅ ଧାନ

- ଯେତେବେଳେ ଶତକଡ଼ା ୮୦ ରୁ ୮୫ ଭାଗ ଧାନ ପାକଳ ହୋଇଯିବ, ସେହି ସମୟରେ କାଟନ୍ତୁ । ନଚେତ୍ ଡାଲୁଅ ଧାନରେ ଧାନ ଝଡି ଯିବାର ସମ୍ଭାବନା ଅଧିକ ଥାଏ ।

- ଧାନ ସାଇତି ରଖିବା ପାଇଁ ଶୁଖାଇବା ସମୟରେ ଆର୍ଦ୍ରତା ଶତକଡା ୧୨ ଭାଗ ରହିବା ଦରକାର । ସେଥିପାଇଁ ଭଲ ଖରାରେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ ।

- ଧାନ ଠିକ୍ ଭାବରେ ଶୁଖିଯିବା ପରେ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପର ଗ୍ରେନ୍ ବସ୍ତାରେ ସାଇତି ରଖିଲେ ଏହାର ଗୁଣ, ରଙ୍ଗ, ବାସନା ଓ ସ୍ୱାଦ ବହୁତ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିବ ।

- ଧାନ ସାଇତି ରଖିଥିବା ବସ୍ତା ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍) କନାରେ ଗୁଡାଇ ରଖନ୍ତୁ । ଏହା ଉପରେ ଭଲଭାବେ ତାରପୋଲିନ୍ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା ଓ ତାରପୋଲିନ୍‌ର ଚାରିପଟେ ୬ ଇଂଚ ମୋଟାର କାଦୁଅ ଲେପ କିମ୍ବା ସେଲୋଟେପ୍ ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ବସ୍ତାର ମୁହଁ ଭଲଭାବରେ ବନ୍ଦ ରଖନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

- ଓଡ଼ିଶାର ଅଧିକାଂଶ ଅଂଚଳରେ ବର୍ଷା ହୋଇସାରିଛି । ତେଣୁ ଢ଼ିପଜମି ଏବଂ ବର୍ଷାଶ୍ରିତ ଖାଲୁଆ ଜମି, ଯେଉଁଠାରେ ଧାନ ଛଟାବୁଣା କରାଯାଏ ଏବଂ ତଳି ଘରା ପ୍ରସ୍ତୁତି ପାଇଁ ମାଟିର ବତର ଦେଖି ପ୍ରଥମ ଖରାଟିଆ ଚାଷ କରିଦିଅନ୍ତୁ । ସଠିକ୍ ପରିମାଣର ସାର ପରିଚାଳନା ନିମନ୍ତେ ଏବଂ ଜମିର ଉର୍ବରତା ଜାଣିବା ପାଇଁ ମାଟି ପରୀକ୍ଷା କରିବା ଉଚିତ୍ ।

- ଜୁନ୍ ମାସର ପ୍ରଥମ ସପ୍ତାହରେ ତଳିଘେରା ପ୍ରସ୍ତୁତ କରନ୍ତୁ ।

- ବିଭିନ୍ନ ଖ୍ୟାତିସମ୍ପନ୍ନ ଗବେଷଣା ଅନୁଷ୍ଠାନ, କୃଷିବିଜ୍ଞାନ କେନ୍ଦ୍ର, ବିଶ୍ୱବିଦ୍ୟାଳୟ କିମ୍ବା କୃଷିବ୍ଲକ୍ ଅଫିସରୁ ମଧ୍ୟବର୍ତୀ ଗଭୀର ଜମିପାଇଁ ଉନ୍ନତ ମାନର ବିହନ ସଂଗ୍ରହ କରି ନିଅନ୍ତୁ ।

## ଶୁଖିଲା ବୁଣାଧାନ

- ଉଚ୍ଚା ଜମିରେ ସିଧା ବୁଣାଧାନ ପାଇଁ ସିଡ୍ ଡ୍ରିଲ୍ କିମ୍ବା ୩-ଦାନ୍ତିଆ ଲଙ୍ଗଳ ଲାଗିଥିବା ସିଡ୍ ଡ୍ରିଲ କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ୧୫ ସେ.ମି. ବ୍ୟବଧାନରେ ଏବଂ ୪ ରୁ ୬ ସେ.ମି. ଗଭୀରରେ ସିଧା ଧାଡିରେ ଧାନ ବିହନ ବୁଣନ୍ତୁ । ଏକର ପ୍ରତି ୨୪ ରୁ ୩୦ କି.ଗ୍ରା. ଉତମ ଗୁଣବତା ବିହନ ବ୍ୟବହାର କରନ୍ତୁ ।

- ବୁଣାଧାନ ପାଇଁ ଶେଷ ଓତ ଚାଷ ସମୟରେ ପ୍ରତି ଏକର ପିଛା ୮ କ୍ୱିଂଟାଲ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ।

- ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନକୁ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଗୁଣ୍ଡ ଦ୍ୱାରା ବିଶୋଧନ କରନ୍ତୁ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଯେକୌଣସି ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ପ୍ରଦତ ବିଶୋଧକ ବ୍ୟବହାର କରିପାରିବେ ।

- ଉଚ୍ଚା ଜମିରେ ଶେଷଥର ଜମି ପ୍ରସ୍ତୁତି ସମୟରେ ଫର୍ଟିଲାଇଜର-ସିଡ୍ ଡ୍ରିଲ୍ (ସାର ସହ ମଞ୍ଜି ବୁଣାଯନ୍ତ୍ର) ମାଧ୍ୟମରେ କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ଏକର ପିଛା ଅନୁମୋଦିତ ପୂର୍ଣ୍ଣମାତ୍ରାର ଫସଫରସ୍ ଏବଂ ୧୨ କି.ଗ୍ରା. ପଟାସ୍ (ଅର୍ଥାତ୍ ଏକର ପିଛା ୭୫ କି.ଗ୍ରା. ଏସ୍.ଏସ୍.ପି. କିମ୍ବା ୨୭ କି.ଗ୍ରା. ଡି.ଏ.ପି. + ୨୦ କି.ଗ୍ରା. ଏମ୍.ଓ.ପି) ପ୍ରୟୋଗ କରନ୍ତୁ ।

- ମଧ୍ୟମ ଏବଂ ଖାଲୁଆ ଜମିରେ ଯେଉଁଠି ସିଧା ଧାନ ବୁଣା ଯାଏ ସେଠାରେ ଶେଷଥର ଓଡଚଷ ପାଇଁ କଲ୍ଟିଭେଟର ଦ୍ୱାରା ୨-୩ ଥର ଭଲଭାବରେ ଚଷ କରି ଜମିକୁ ସମତଳ କରିଦିଅନ୍ତୁ ।

- ସିଡ୍ ଡ୍ରିଲ୍ କିମ୍ବା ୩-ଦାନ୍ତିଆ ଲଙ୍ଗଳ ଲାଗିଥିବା ସିଡ୍ ଡ୍ରିଲ କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ୧୫ ସେ.ମି. ବ୍ୟବଧାନରେ ଏବଂ ୪ ରୁ ୬ ସେ.ମି. ଗଭୀରରେ ସିଧା ଧାଡିରେ ଧାନ ବିହନ ବୁଣନ୍ତୁ । ଏକର ପ୍ରତି ୧୮ ରୁ ୨୦ କି.ଗ୍ରା. ଉତମ ଗୁଣବତା ବିହନ ବ୍ୟବହାର କରନ୍ତୁ ।

- ମଧ୍ୟମ ଗଭୀର ଏବଂ ଅତି ଗଭୀର ଜମିରେ ଯେଉଁଠି ସିଧା ଧାନ ବୁଣାଯାଏ ଏବଂ ଶୀର୍ଷସାର ପ୍ରୟୋଗ କରିନହୁଏ ସେଠାରେ ଶେଷ ଓଡ ଚଷ ସମୟରେ ପୂର୍ଣ୍ଣମାତ୍ରାରେ ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପଟାସ୍ ଏକର ପିଛା ଯଥାକ୍ରମେ ୧୬:୮:୮ କି.ଗ୍ରା. (ଅର୍ଥାତ୍ ୧୭.୫ କି.ଗ୍ରା. ଡି.ଏ.ପି + ୧୩.୫ କି.ଗ୍ରା. ଏମ୍.ଓ.ପି + ୩୦ କି.ଗ୍ରା. ଯୁରିଆ) ପ୍ରୟୋଗ କରନ୍ତୁ ।

**ଖରିଫ ରୁଆଧାନ**

- ଯେଉଁ ଚଷୀମାନେ ବାସନା ଧାନ ଚଷ କରିବାକୁ ଚାହୁଁଛନ୍ତି ସେମାନେ ଗୀତାଞ୍ଜଳୀ, ସି.ଆର. ସୁଗନ୍ଧଧାନ ୯୦୭, ସି.ଆର. ସୁଗନ୍ଧଧାନ ୯୦୮ ଏବଂ ସି.ଆର. ସୁଗନ୍ଧଧାନ ୯୧୦ କିସମ ବ୍ୟବହାର କରିପାରିବେ ।

- ରୁଆଧାନ ବିଲରେ ସବୁଜ ଖତ ହିସାବରେ ଧଞ୍ଚେଇ ଚଷ କରିବା ପାଇଁ ବିଶ୍ୱାସଯୋଗ୍ୟ ସଂସ୍ଥା କିମ୍ବା ଦୋକାନରୁ ଭଲ ଧଞ୍ଚେଇ ମଞ୍ଜି ସଂଗ୍ରହ କରନ୍ତୁ ।

- ବିହନ ବିଶୋଧନ ନିମନ୍ତେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନକୁ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. (ବାଭିଷ୍ଟିନ୍ / ଗୋଲ୍ଡଷ୍ଟିନ୍) କିମ୍ବା ୩ ଗ୍ରାମ୍ କ୍ୟାପ୍ଟାନ୍ ୫୦% ( କ୍ୟାପ୍‌ଗୋଲ୍ଡ / କ୍ୟାପ୍‌ତାରା) କିମ୍ବା ୩ ଗ୍ରାମ୍ ଥୀରାମ୍ ୭୫% (ଥିରାମ୍ ୭୫ / ଥାଇରକ୍ସ) ଗୁଣ୍ଡରେ ବିଶୋଧନ କରନ୍ତୁ । ଜୈବିକ ବିଶୋଧକ ଭାବେ ୧ କି.ଗ୍ରା. ବିହନକୁ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଗୁଣ୍ଡରେ ମଧ୍ୟ ବିଶୋଧନ କରିପାରିବେ । ଏହାକୁ କୌଣସି ବିଶ୍ୱସ୍ତନୀୟ ସଂସ୍ଥା ବା ଦୋକାନରୁ ସଂଗ୍ରହ କରନ୍ତୁ ।

- ଓଡ଼ିଶାର ଅଧିକାଂଶ ଅଂଚଳରେ ବର୍ଷା ହୋଇସାରିଛି । ତେଣୁ ଢ଼ିପଜମି ଏବଂ ବର୍ଷାଶ୍ରିତ ଖାଲୁଆ ଜମି, ଯେଉଁଠାରେ ଧାନ ଛଟାବୁଣା କରାଯାଏ ଏବଂ ତଳି ଘରା ପ୍ରସ୍ତୁତି ପାଇଁ ମାଟିର ବତର ଦେଖି ପ୍ରଥମ ଖରାଟିଆ ଚଷ କରିଦିଅନ୍ତୁ ।

- ବିଭିନ୍ନ ଖ୍ୟାତିସମ୍ପନ୍ନ ଗବେଷଣା ଅନୁଷ୍ଠାନ, କୃଷିବିଜ୍ଞାନ କେନ୍ଦ୍ର, ବିଶ୍ୱବିଦ୍ୟାଳୟ କିମ୍ବା କୃଷିବ୍ଲକ୍ ଅଫିସରୁ ମଧ୍ୟବର୍ତ୍ତୀ ଗଭୀର ଜମିପାଇଁ ଉନ୍ନତ ମାନର ବିହନ ସଂଗ୍ରହ କରି ନିଅନ୍ତୁ ।

| ମଧ୍ୟବର୍ତ୍ତୀ ଗଭୀର ଜମି | ଡ଼ିପ ଜମି ଏବଂ ବାସ୍ନା ଧାନ | ଜଳସେଚିତ ମଧ୍ୟମ ଜମି | ବନ୍ୟାପ୍ଲାବିତ ଏବଂ ସ୍ୱଳ୍ପଗଭୀର ଖାଲୁଆ ଜମି | ଉପକୂଳବର୍ତ୍ତୀ ଲୁଣି ଜମି | ମଧ୍ୟମ ଏବଂ ଖାଲୁଆ ଜମି ଶଙ୍କରଜାତୀୟ ଧାନ |
|---|---|---|---|---|---|
| ସି.ଆର.ଧାନ ୫୦୧<br>ସି.ଆର.ଧାନ୫୧୦,<br>ସି.ଆର୍.ଧାନ ୫୧୧,<br>ସି.ଆର.ଧାନ ୫୧୨<br>ସି.ଆର.ଧାନ ୫୦୦<br>ସି.ଆର୍.ଧାନ ୫୦୨<br>ସି.ଆର୍.ଧାନ ୫୦୩<br>ସି.ଆର୍.ଧାନ ୫୦୫<br>ସି.ଆର୍.ଧାନ ୫୦୭<br>ସି.ଆର୍.ଧାନ ୫୦୮<br>ଦୁର୍ଗା<br>ଶାରଳା<br>ଗାୟତ୍ରୀ<br>ବର୍ଷାଧାନ | ସି.ଆର୍.ଧାନ ୧୦୦<br>ସି.ଆର୍.ଧାନ ୧୦୧<br>ସି.ଆର୍.ଧାନ ୧୦୨<br>ସି.ଆର୍.ଧାନ ୧୦୮<br>ସି.ଆର୍.ଧାନ ୨୦୩<br>ସି.ଆର୍.ଧାନ ୨୦୫<br>ସି.ଆର୍.ଧାନ ୨୦୬<br>ସି.ଆର୍.ଧାନ ୨୦୭<br>ସି.ଆର୍.ଧାନ ୨୦୯<br>ସି.ଆର୍.ଧାନ ୨୧୧<br>ସି.ଆର୍.ଧାନ ୨୧୨<br>ସି.ଆର୍.ଧାନ ୨୧୪<br>ସି.ଆର୍.ଧାନ ୮୦୭<br>ବନ୍ଦନା<br>ସହଭାଗୀଧାନ | ସି.ଆର୍.ଧାନ-୩୦୭,<br>ସି.ଆର୍.ଧାନ ୩୧୦,<br>ସି.ଆର୍.ଧାନ-୩୧୧,<br>ସି.ଆର୍.ଧାନ ୩୧୨,<br>ସି.ଆର୍.ଧାନ ୩୧୪,<br>ସି.ଆର୍.ଧାନ ୩୧୫,<br>ସି.ଆର୍.ଧାନ ୩୧୬,<br>ସି.ଆର୍.ଧାନ ୩୧୭,<br>ସି.ଆର୍.ଧାନ ୩୧୯<br>ସି.ଆର୍.ଧାନ ୩୨୧,<br>ସି.ଆର୍.ଧାନ ୩୨୪,<br>ସି.ଆର୍.ଧାନ ୩୨୬,<br>ସି.ଆର୍.ଧାନ ୩୨୭<br>ସି.ଆର୍.ଧାନ ୩୨୯,<br>ସି.ଆର୍.ଧାନ ୩୩୧,<br>ସି.ଆର୍.ଧାନ ୩୩୨<br>ସି.ଆର୍.ଧାନ ୩୩୭<br>ସି.ଆର୍.ଧାନ ୮୦୪,<br>ସି.ଆର୍.ଧାନ ୮୦୫<br>ସି.ଆର୍.ଧାନ ୮୦୯ | ସି.ଆର୍.ଧାନ୮୦୦<br>ସି.ଆର୍.ଧାନ ୮୦୧,<br>ସି.ଆର୍.ଧାନ ୮୦୨,<br>ସି.ଆର୍.ଧାନ ୮୦୩<br>ସି.ଆର୍.ଧାନ ୪୦୮,<br>ସି.ଆର୍.ଧାନ ୪୦୯,<br>ସି.ଆର୍.ଧାନ ୪୧୦,<br>ସି.ଆର୍.ଧାନ ୪୧୧<br>ସି.ଆର୍.ଧାନ ୪୧୨<br>ସି.ଆର୍.ଧାନ ୪୧୩<br>ସି.ଆର୍.ଧାନ ୪୧୪<br>ସି.ଆର୍.ଧାନ ୪୧୬<br>ସ୍ୱର୍ଣ୍ଣ,<br>ସ୍ୱର୍ଣ୍ଣ ସବ୍-୧,<br>ପୂଜା<br>ପୂଜା ସବ୍-୧<br>ସି.ଆର୍.ଧାନ ୧୦୦୯ ସବ୍-୧ | ସି.ଆର୍.ଧାନ ୪୦୫ ,<br>ସି.ଆର୍.ଧାନ ୪୦୩ ,<br>ସି.ଆର୍.ଧାନ ୪୧୨<br>ସି.ଆର୍.ଧାନ ୪୧୪,<br>ଲୁଣିଶ୍ରୀ<br>ଲୁଣା ବରିଆଲ୍ | ସି.ଆର୍.ଧାନ ୭୦୧<br>ସି.ଆର୍.ଧାନ ୭୦୨<br>ସି.ଆର୍.ଧାନ ୭୦୩<br>ସି.ଆର୍.ଧାନ ୭୦୬<br>ଅଜୟ<br>ରାଜଲକ୍ଷ୍ମୀ |

*****